୨୮/୦୪/୧୯୮୯

# ବିଦ୍ୟୁତ ମନ୍ତ୍ରୀଙ୍କ ଅଦ୍ଭୁତ ଯୁକ୍ତି

ଆଜି ଆମ ରାଜ୍ୟର ବିଦ୍ୟୁତବୋର୍ଡ ସମ୍ପର୍କରେ କିଛି ଲେଖିବାପାଇଁ ଚିନ୍ତା କଲାବେଳକୁ ବିଭାଗୀୟ ମନ୍ତ୍ରୀ ମାନ୍ୟବର ସେକ୍ ମତଲୁବ୍ ଅଲ୍ଲୀ ଗତ ସପ୍ତାହରେ ଦେଇଥିବା ମନ୍ତବ୍ୟଟି ମନେ ପଡ଼ିଯାଉଛି । ମାନ୍ୟବର ମନ୍ତ୍ରୀ ମହୋଦୟ ଆମ ଓଡ଼ିଶାର ସାମ୍ବାଦିକ ଏବଂ ସମ୍ପାଦକମାନଙ୍କ ଉପରେ ସାଧାରଣ ଭାବରେ ଦୋଷାରୋପ କରିଛନ୍ତି ଯେ ମନ୍ତ୍ରୀ ଏବଂ ଯନ୍ତ୍ରୀମାନଙ୍କୁ ବଦନାମ କରିବା ପାଇଁ ବିଭିନ୍ନ ସମ୍ବାଦ ପ୍ରକାଶ କରାଯାଉଛି । କେବଳ ମନ୍ତ୍ରୀମାନେ ବା ରାଜନୈତିକ ନେତାମାନେ ଭୁଲ ସମ୍ବାଦର ପ୍ରତିବାଦ କଲେ ଯଥେଷ୍ଟ ହେବନାହିଁ । ଯନ୍ତ୍ରୀମାନଙ୍କୁ ମଧ୍ୟ ନିଜ ସମ୍ମାନ ଦୃଷ୍ଟିରୁ ଏହାର ପ୍ରତିବାଦ କରିବା ପାଇଁ ଆଗେଇ ଆସିବାକୁ ପଡ଼ିବ । ବିଭାଗୀୟ ମନ୍ତ୍ରୀ ସହଯୋଗୀ ଯନ୍ତ୍ରୀମାନଙ୍କ ଉଦ୍ଦେଶ୍ୟରେ ଦେଇଥିବା ଆହ୍ବାନ ନିଶ୍ଚିତ ଭାବରେ ସ୍ବାଗତଯୋଗ୍ୟ । କିନ୍ତୁ ଯନ୍ତ୍ରୀମାନେ ଏ ଆହ୍ବାନକୁ ଗ୍ରହଣ କରିବେ ତ ? ହୋଇପାରେ, କେତେଜଣ ସାମ୍ବାଦିକ ଅବା କେତେଜଣ ସମ୍ପାଦକ ମନ୍ତ୍ରୀ ମହୋଦୟଙ୍କର ପସନ୍ଦ ଅନୁସାରେ ସମ୍ବାଦ ଏବଂ ସମ୍ପାଦକୀୟ ନ ଛାପି ଉଦ୍ଦେଶ୍ୟ ପ୍ରଣୋଦିତ ଭାବେ କୁତ୍ସାରଟନାମୂଳକ ସମ୍ବାଦ ଛାପୁଛନ୍ତି । ତା' ବୋଲି ଯେ ସବୁ ସମ୍ପାଦକ ଏବଂ ସାମ୍ବାଦିକ ମନ୍ତ୍ରୀ ମହୋଦୟଙ୍କର ଏତାଦୃଶ ବିରାଗଭାଜନ ହେବେ ଏକଥା ଆଦୌ ଗ୍ରହଣୀୟ ହେଉନାହିଁ ।

ବିଧାନସଭା ଚାଲିଥିଲାବେଳେ ସମ୍ବାଦପତ୍ର ଗୁଡ଼ିକ କାଳେ ସରକାରଙ୍କର ଦୋଷଦୁର୍ବଳତାକୁ ଦର୍ଶାଇବା ପାଇଁ ମାତ୍ରାଧିକ ଉତ୍ସାହ ଦେଖାଇ ଥାଆନ୍ତି ବୋଲି ମନ୍ତ୍ରୀ ମହୋଦୟ ପୁଣି ଅଭିଯୋଗ କରିଛନ୍ତି ଓ ହୀରାକୁଦ ବନ୍ଧର ଫାଟ ସମ୍ପର୍କୀୟ ସମ୍ବାଦ କଥା ଉଲ୍ଲେଖ କରି ବିଧାନସଭା ସହ ଏ ପ୍ରକାର ପ୍ରଶ୍ନର ପ୍ରାସଙ୍ଗିକତାକୁ ନେଇ ଓଲଟା ପ୍ରଶ୍ନ ଉଠାଇଛନ୍ତି । ମନ୍ତ୍ରୀଙ୍କର ଯୁକ୍ତି ନିଶ୍ଚିତ ଭାବରେ ଅଦ୍ଭୁତ ଓ ଅଭିନବ । ବିଧାନସଭାରେ ହୀରାକୁଦ ବନ୍ଧ ଫାଟ ଯୋଡ଼ା ହୁଏ ନାହିଁ ବୋଲି ଏ ପ୍ରଶ୍ନ ପଚାରିବାର ଅଧିକାର ଆମର ନାହିଁ ! ଏହି ନ୍ୟାୟରେ ବିଧାନସଭାରେ ଗଜା ମରୁଡ଼ିକୁ ରୋକିବା ପାଇଁ ବର୍ଷା ବି କରିହୁଏ ନାହିଁ, ପାନୀୟ ଜଳ ଯୋଗାଇବା ପାଇଁ ନଳକୂପ ମଧ୍ୟ ବସାଯାଏ ନାହିଁ କି ଜାତୀୟ ରାଜପଥରେ ହେଉଥିବା ଦୁର୍ଘଟଣାକୁ ମଧ୍ୟ ବିଧାନସଭାରେ ରୋକାଯାଏ ନାହିଁ । ସେହିପରି କଳାହାଣ୍ଡିର ମରୁଡ଼ି କଳାହାଣ୍ଡିରେ, ବିଧାନସଭାରେ ନୁହେଁ । ଫୁଲବାଣୀର ମସ୍ତିଷ୍କ ଜ୍ୱର ସମ୍ପର୍କରେ ବିଶେଷଜ୍ଞ ଡାକ୍ତରମାନେ କହିବେ, ବିଧାୟକମାନେ କାହିଁକି ଆଲୋଚନା କରିବେ ? ବିଦ୍ୟୁତ ସରବରାହ ନେଇ ଯାହା କିଛି ସୁବିଧା ଅସୁବିଧା, ବିଧାନସଭାରେ ଲାଇଟ୍, ମାଇକ ଆଉ ଶୀତତାପ ନିୟନ୍ତ୍ରିତ ଯନ୍ତ୍ରର ସୁବିଧା ମିଳୁଥିବା ପର୍ଯ୍ୟନ୍ତ ସେକଥା କେହି ପଚାରି ପାରିବେ ନାହିଁ ! ତା'ହେଲେ ବିଧାନସଭାରେ କେଉଁ ବିଷୟରେ ପ୍ରଶ୍ନ ପଚରାଯାଇ ପାରିବ, ସେ ନେଇ ମନ୍ତ୍ରୀ ମହୋଦୟ ଆମକୁ ପରାମର୍ଶ ଦେବା ଦରକାର । ଆମେ ରାଜନୀତି ବିଜ୍ଞାନରେ ପଢ଼ିଥିଲୁ ଯେ ସଂସଦୀୟ ଗଣତନ୍ତ୍ରରେ ନିର୍ବାଚନ ଦିନ ଛଡ଼ା ଯଦି ଗଣତନ୍ତ୍ରକୁ କୌଣସି ଅନୁଷ୍ଠାନ ସବୁଠାରୁ ଜୀବନ୍ତ କରିଥାଏ, ତାହାହେଲା ପାର୍ଲାମେଣ୍ଟ କିମ୍ବା ବିଧାନସଭା । କିନ୍ତୁ ମନ୍ତ୍ରୀ ମହୋଦୟଙ୍କ ନ୍ୟାୟରେ ବିଧାୟକମାନେ କୌଣସି ପ୍ରଶ୍ନ ପଚାରି ପାରିବେ ନାହିଁ ।

## ଆମ ଘରର ହାଲଚାଲ

### ସୌମ୍ୟରଂଜନ ପଟ୍ଟନାୟକ

ଶେଷରେ ମନ୍ତ୍ରୀ ମହୋଦୟ ଆଉ ଗୋଟିଏ ଟିପ୍ପଣୀ ଦେଇଛନ୍ତି, ଯାହା ଆମକୁ ଅଧିକ ଆତ୍ମ ସଚେତନ କରୁଛି । ସେ ପ୍ରଶ୍ନଟି ହେଲା— କେତେଜଣ ସମ୍ପାଦକ ତାଙ୍କ ବିଭାଗର ସମସ୍ୟା ବିଷୟରେ ସମ୍ପାଦକୀୟ ଲେଖୁଛନ୍ତି ? ଆମେ ମନ୍ତ୍ରୀ ମହୋଦୟଙ୍କୁ ଆଜିର ସମ୍ପାଦକୀୟ ଭାବରେ ତାଙ୍କର ବିଦ୍ୟୁତବୋର୍ଡ ସମ୍ପର୍କରେ କେତୋଟି ପ୍ରଶ୍ନ ପଚାରୁଛୁ । ଏହା ଯଦି ତାଙ୍କ ବିଚାରରେ ଅବାନ୍ତର ନ ହୋଇଥାଏ, ତା'ହେଲେ ମନ୍ତ୍ରୀ ମହୋଦୟ ନିଶ୍ଚିତ ଭାବରେ ଉତ୍ତର ଦେବେ ବୋଲି ଆଶା କରୁଛୁ । ରାଜ୍ୟ ବିଦ୍ୟୁତ ବୋର୍ଡର ପରିଚାଳନାରେ ଶୃଙ୍ଖଳା ଆଣିବା ପାଇଁ ସରକାର ଏବେ କେତେଗୋଟି ନିଷ୍ପତ୍ତି ନେଇଛନ୍ତି । କିଛି ମାସ ତଳେ ବୋର୍ଡର ପ୍ରଶାସନିକ ଦକ୍ଷତା ବୃଦ୍ଧି କରିବା ପାଇଁ ଜଣେ ଆଇ.ଏ.ଏସ୍. ଅଫିସରଙ୍କୁ ସଭ୍ୟ ଭାବେ ନିଯୁକ୍ତ କରାଯାଇଥିଲା । ତାହା ବୋଧହୁଏ ଯଥେଷ୍ଟ ହେଲାନାହିଁ । ଆଉ ଜଣେ ବରିଷ୍ଠ ଆଇ.ଏ. ଏସ୍. ଅଫିସରଙ୍କୁ ବିଶେଷଜ୍ଞ ଇଞ୍ଜିନିୟରଙ୍କ ବଦଳରେ ଅଧ୍ୟକ୍ଷ କରାଗଲା । ବୋଧହୁଏ ଏହି ଆଶାରେ ଯେ ବୋର୍ଡର ପରିଚାଳନାରେ ଅଧିକ ଶୃଙ୍ଖଳା ଆସିବ ଏବଂ ବିଦ୍ୟୁତ ଶକ୍ତିର ଉତ୍ପାଦନ ଓ ସୁଷମ ବଣ୍ଟନ କ୍ଷେତ୍ରରେ ଆଉ କୌଣସି ଅଘଟଣ ଘଟିବ ନାହିଁ । ଏ ପରିବର୍ତ୍ତନ ଫଳରେ ଯଦି ସରକାରଙ୍କର ଏ ଉଦ୍ଦେଶ୍ୟ ସାଧିତ ହୋଇପାରିବ ତା'ହେଲେ ସରକାର ନିଶ୍ଚିତ ଭାବରେ ଆମ ସମସ୍ତଙ୍କର ଧନ୍ୟବାଦ ଏବଂ ଅଭିନନ୍ଦନର ପାତ୍ର ହେବେ । କିନ୍ତୁ ଆମର କାହିଁକି ସନ୍ଦେହ ହେଉଛି ଯେ ଏହାଦ୍ବାରା ରାଜ୍ୟ ବିଦ୍ୟୁତବୋର୍ଡର ସମସ୍ୟା ବଢ଼ିବ ସିନା ଛିଡ଼ିବ ନାହିଁ । ଅତୀତରେ ଅଭିଜ୍ଞ ପ୍ରଶାସକମାନଙ୍କୁ ବୋର୍ଡର ଦାୟିତ୍ୱ ଦିଆଯାଇଥିଲା । ପରେ ଇଞ୍ଜିନିୟର ମାନଙ୍କର ଦାବି ଏବଂ ଯୁକ୍ତିକୁ ସମ୍ମାନ ପ୍ରଦର୍ଶନ କରି ବୈଷୟିକ ବିଭାଗ ଗୁଡ଼ିକରେ ବିଭାଗାଧ୍ୟକ୍ଷ ପଦବୀ ବିଶେଷଜ୍ଞମାନଙ୍କୁ ଦେବାପାଇଁ ସରକାର ନିଷ୍ପତ୍ତି ନେଲେ । ବର୍ତ୍ତମାନ ମଧ୍ୟ ଇଞ୍ଜିନିୟରିଙ୍ଗ ସେବାର ପ୍ରାୟ ସମସ୍ତେ ସରକାରଙ୍କର ଏ ନିଷ୍ପତ୍ତିକୁ ବିରୋଧ କରୁଛନ୍ତି । କେବଳ ଜଣେ ଅଧ୍ୟକ୍ଷ ସାଧାରଣ ସେବାରେ ନିଯୁକ୍ତ ଥିବା ଇଞ୍ଜିନିୟର ମାନଙ୍କ ସହିଯୋଗ ଅଭାବରେ କି ଦକ୍ଷତା ଦେଖାଇ ପାରିବେ ? ସବୁଠାରୁ ବଡ଼ ପ୍ରଶ୍ନ ହେଲା, ବିଦ୍ୟୁତ ବୋର୍ଡର ସାମ୍ପ୍ରତିକ ସମସ୍ୟା କ'ଣ କେବଳ ଏକ ପ୍ରଶାସନିକ ସମସ୍ୟା ?

ଆମ ବିଚାରରେ ପ୍ରଶାସନିକ ବିଶୃଙ୍ଖଳା ଅତିରିକ୍ତ କେତେଗୁଡ଼ିଏ ମୌଳିକ ଏବଂ ନୀତିଗତ ପ୍ରଶ୍ନର ସମାଧାନ ହୋଇପାରି ନଥିବାରୁ ଆଜି ବିଦ୍ୟୁତବୋର୍ଡ ଏପ୍ରକାର ସଙ୍କଟର ସମ୍ମୁଖୀନ ହୋଇଛି । ପ୍ରଥମ ମୌଳିକ ପ୍ରଶ୍ନ ହେଲା ଏହା ଏକ ବ୍ୟାବସାୟିକ ସଂସ୍ଥା କି ସେବାମୂଳକ ବ୍ୟବସ୍ଥା ? ଦ୍ୱିତୀୟ ପ୍ରଶ୍ନ ହେଲା ଏହାକୁ ବ୍ୟାବସାୟିକ ସଂସ୍ଥା ଭାବରେ ଚଳାଇବା ପାଇଁ ଯେଉଁ ଭିତ୍ତିଭୂମି, ସମ୍ବଳ ଏବଂ ସ୍ୱାଧୀନତା ମିଳିବା କଥା ତାହା ମିଳୁଛି କି ? ତୃତୀୟ ପ୍ରଶ୍ନ ହେଲା, ଏହାର ଆର୍ଥିକ ସଙ୍କଟ ପାଇଁ ସରକାରଙ୍କର କେତୋଟି ସୁବିଧାବାଦୀ ଓ କାମଚଲା ନିଷ୍ପତ୍ତି ଦାୟୀ ନୁହେଁ କି ? ଶେଷପ୍ରଶ୍ନ ଯାହା ଆମକୁ ସବୁଠୁ ବେଶି ବିବ୍ରତ କରୁଛି, ଯଦି ବିଦ୍ୟୁତବୋର୍ଡର କ୍ରମାଗତ କ୍ଷତି ଓ ପରିଚାଳନା ବୋର୍ଡର ଅପାରଗତାକୁ ଆଉ ବରଦାସ୍ତ ନ କରିପାରି ସରକାର ପରିଚାଳନା ବୋର୍ଡରେ ପରିବର୍ତ୍ତନ କରିବା ପାଇଁ ନିଷ୍ପତ୍ତି ନେଲେ ଏବଂ ସେଇଥିପାଇଁ ଜଣେ ବରିଷ୍ଠ ଆଇ.ଏ.ଏସ୍. ଅଫିସରଙ୍କୁ ଦାୟିତ୍ୱ ଦେଲେ, ତାହାହେଲେ ଏବେବି ସରକାରଙ୍କ ଅଧୀନରେ ଅନେକଗୁଡ଼ିଏ ନିଗମ ଅଛି ଏବଂ ସେଗୁଡ଼ିକର ଦାୟିତ୍ୱ ବରିଷ୍ଠ ଆଇ.ଏ.ଏସ୍. ଅଫିସରମାନଙ୍କୁ ମଧ୍ୟ ଦିଆଯାଇଅଛି ; ଅଥଚ ଏମାନେ କିପରି କ୍ରମାଗତ କ୍ଷତି କରିଚାଲିଛନ୍ତି ? ବର୍ଷବର୍ଷ ଧରି ଜମାଖର୍ଚ୍ଚର ହିସାବ ମଧ୍ୟ ଏମାନେ ରଖି ପାରିନାହାନ୍ତି ବୋଲି ଖୋଦ୍ ମୁଖ୍ୟମନ୍ତ୍ରୀ ସାଧାରଣରେ ଅସନ୍ତୋଷ ପ୍ରକାଶ କରିଥିଲେ । ବିଦ୍ୟୁତବୋର୍ଡ ପ୍ରତି ଲାଗୁ ହୋଇଥିବା ନ୍ୟାୟ ଏମାନଙ୍କ ପାଇଁ ଲାଗୁ ହେଉନାହିଁ କାହିଁକି ?